# Akashvani, Sambalpur

## SAMBALPURI NEWS EVENING BULLETIN

## 11 July 2024- 7.02 pm- 7.12 pm.

*********************************************

୧- ୨୦୨୪-୨୫ ଆର୍ଥିକ୍ ବଛର୍ ବଜେଟ୍ ପ୍ରସ୍ତୁତି ବାବ୍‌ଦେ ନୂଆଦିଲ୍ଲୀ ନ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କର୍ ସାଙ୍ଗେ ଆଲୋଚନା କଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ହେଉଛେ ହେରାପଂଚ୍‌ମୀ ନୀତି ।

୩- ନିଟ୍ ପରୀକ୍ଷା ମାମ୍‌ଲାର୍ ଶୁଣାଣିକେ ସ୍ଥଗିତ୍ ରଖିଲେ ସୁପ୍ରିମ୍‌କୋର୍ଟ ।

- ଆଏବା ୧୮ ତାରିଖ୍ ଦିନ ହେବା ପରବର୍ତୀ ଶୁଣାଣି ।

ଆଉର୍

୪- ପିଏମ୍ ଗତିଶକ୍ତି ଯୋଜ୍‌ନାଥି ଅନୁଗୁଲ୍‌ର ବଳରାମ୍‌ପୁର୍ ନୁ ତେନ୍ତୁଲେଇ ଆର୍ ବୁଢ଼ାପଙ୍କନୁ ଲୁବୁରୀତକ୍ ତିଆର୍ ହେବା ୨ ଟା ରେଲ୍‌ଲାଇନ୍ ।

ପ୍ରଧାନ୍‌ମନ୍ତ୍ରୀ ବଜେଟ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪-୨୫ ଆର୍ଥିକ୍ ବଛର୍‌ର କେନ୍ଦ୍ରୀୟ ବଜେଟ୍ ବାବ୍‌ଦେ ଆଏଜ୍ ନୂଆଦିଲ୍ଲୀ ନ ବିଶିଷ୍ଟ ଅର୍ଥନୀତିଜ୍ଞମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ବୈଠକ୍‌ଥି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍, ନୀତିଆୟୋଗ୍‌ର ଉପାଧ୍ୟକ୍ଷ ସୁମନ୍ ବେରୀ, ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ ପି.କେ. ମିଶ୍ର ଆର୍ ଉଣ୍ଡା କେତେ କ୍ଷେତ୍ରର୍ ବିଶେଷଜ୍ଞମାନେ ଯୋଗ୍ ଦେଇଥିଲେ ।

ଆଏବା ୨୨ ତାରିଖ୍ ଦିନ ସଂସଦ୍‌ର ବଜେଟ୍ ଅଧିବେଶନ୍ ମୁଲ୍ ହେବାର୍‌କେ ଥିବାର୍ ବେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ୨୩ ତାରିଖ୍ ଦିନ ପୂର୍ଣ୍ଣାଙ୍ଗ ବଜେଟ୍ ଲୋକ୍‌ସଭା ନ ଉପସ୍ଥାପନ୍ କର୍‌ବେ । ନରେନ୍ଦ୍ର ମୋଦୀଙ୍କର୍ ୩ ନମ୍ବର୍ ପାଲିର୍ ସର୍‌କାର୍‌ର ଇଟା ପହେଲା ବଜେଟ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଲୋକ୍‌ସଭା ନିର୍ବାଚନ୍ ଲାଗି ଗଲା ଫେବୃଆରୀ ମାସ କେନ୍ଦ୍ର ସର୍‌କାର୍ ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଆଗତ୍ କରିଥିଲେ ।

ହେରାଫଂର୍‌ମୀ       ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀର ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ହେରାପଂଚ୍ମୀ ନୀତି ପାଲନ୍ ହେଉଛେ । ଜଗତ୍ଜନନୀ ମା ଲକ୍ଷ୍ମୀ ଆଡ଼ପ୍ ମଣ୍ଡପ୍ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ୍ କର୍‌ବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ନେଇକରି ରଥ୍ଯାତ୍ରା କରିଥିବାର୍‌ନୁ ମା ଲକ୍ଷ୍ମୀ ଅଭିମାନ୍ କରିଛନ୍ । ସେଥିର୍‌ଲାଗି ଶରଧାବାଲି ନ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଭାଙ୍ଗ୍‌ବେ । ଆଏଜ୍ ରାତି ସାଢ଼େ ୯ ବଜେ ମହାଲକ୍ଷ୍ମୀ ରଥ୍ ପାଖେ ପାରମ୍ପରିକ ନୀତି ସାରିକରି ଜଗମୋହନ୍‌କେ ବିଜେ କର୍‌ବେ । ପଛେ ମହାଲକ୍ଷ୍ମୀଙ୍କୁ ଆଜ୍ଞାମାଳ ଲାଗି ହେଇକରି ୯ ବାଜିକରି ୩୫ ମିନିଟ୍‌ଥି ସନ୍ଧ୍ୟାଧୂପ ଟେରା ପଡ଼୍‌ବା । ଇତାର୍‌ଉତ୍‌ରୁ ମଇଲମ, ଚନ୍ଦନଲାଗି ଆର୍ ବଡସିଂହାର ହେଇକରି ରାତି ୧ ବଜେ ପହୁଡ଼ ହେବାର୍‌କେ ନୀତି ନିର୍ଘଂଟ ହେଇଛେ । ଇ ବାବ୍‌ଦେ ଆମର୍ ପୁରୀ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ୍‌ଙ୍କର୍ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ପୁରୀ ସମ୍ବାଦଦାତା)

ରତ୍ନଭଣ୍ଡାର୍ ଯାଂଚ୍ କମିଟି ସୁପାରିଶ୍ ଆର୍‌ଏନ୍‌ୟୁ/ କଟକ୍

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଯାଂଚ୍ କମିଟିର ସୁପାରିଶ୍‌କେ ଶ୍ରୀମନ୍ଦିର୍ ପରିଚାଳନା କମିଟି ଅନୁମୋଦନ୍ କରିଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ,

ପରିଚାଳନା କମିଟିର୍ ସୁପାରିଶ୍ ମିଲ୍‌ବାର୍ ଉତାରୁ ପରବର୍ତ୍ତୀ ପଦକ୍ଷେପ୍ ବାବ୍‌ଦେ ବିଚାର୍ ଆଲୋଚନା କରାଯିବା । ଆଏବା ୧୪ ତାରିଖ୍ ଦିନ ରତ୍ନଭଣ୍ଡାର୍ ଖୁଲ୍‌ବାର୍ ବାବ୍‌ଦେ ଯାଂଚ୍ କମିଟି ତର୍‌ଫୁ ପ୍ରସ୍ତାବ୍ ଦିଆଯାଇଥିଲା ବଲି ଶ୍ରୀ ହରିଚନ୍ଦନ୍ କହିଛନ୍ ।

ବରିଷ୍ଠ ଆଇପିଏସ୍ ଅଧିକାରୀ ଆଶିଷ୍ ସିଂ ବଦ୍‌ଲି

ହିନ୍ଦୁସ୍ଥାନ୍ ସମାଚାର୍

ମୁଖ୍ୟମନ୍ତ୍ରୀଙ୍କର୍ ସୁରକ୍ଷା ଦାୟିତ୍ୱଥି ଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଆଶିଷ୍ ସିଂଙ୍କୁ ଗୃହ ବିଭାଗ୍‌ର ଓଏସ୍‌ଡି ଭାବେ ବଦ୍‌ଲି କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ସ୍ୱାସ୍ଥ୍ୟଗତ କାରଣ୍ ନେଇକରି ମେ ମାସ ୪ ତାରିଖ୍‌ନୁ ଶ୍ରୀ ସିଂ ମାସେ ଛୁଟି ନେଇଥିଲେ ।

ଡେଙ୍ଗୁ ପଜିଟିଭ୍ ହିନ୍ଦୁସ୍ଥାନ୍ ସମାଚାର୍

ରାଏଜେ ଆଏଜ୍‌ତକ୍ ୪ ଶହ ୮୮ ଝନ୍ ଡେଙ୍ଗୁ ପଜିଟିଭ୍ ଚିହ୍ନଟ୍ ହେଇଛନ୍ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ନୀଳକଣ୍ଠ ମିଶ୍ର କହିଛନ୍ । ସେ କହିଛନ୍ ଯେ, ଏବ୍‌ତକ୍ ୩୫ ହଜାର୍ ୪ ଶହ ୭୦ ଝନ୍‌କର୍ ପରୀକ୍ଷା କରାଯାଇଛେ । ହେଲେ ଖୋର୍ଦ୍ଧା

ଜିଲ୍ଲା ନ ସବୁନୁ ବେଶୀ ଶହେ ୩୦ ଝନ୍ ପଜିଟିଭ୍ ଚିହ୍ନଟ୍ ହେଇଥିବାର୍ ବେଲେ ଗଲାକାଏଲ୍ ଖାଲି ଇ ଜିଲ୍ଲା ନ ୩୩ ଝନ୍ ଡେଙ୍ଗୁ ପଜିଟିଭ୍ ଚିହ୍ନଟ୍ ହେଇଥିଲେ ।

ନିଟ୍ ପରୀକ୍ଷା ମାମ୍‌ଲା ଶୁଣାଣି ସ୍ଥଗିତ୍    ସମ୍ବଲପୁର ସମ୍ବାଦଦାତା

ସୁପ୍ରିମ୍‌କୋର୍ଟ ନିଟ୍ ପରୀକ୍ଷା ମାମ୍‌ଲାର୍ ଶୁଣାଣିକେ ସ୍ଥଗିତ୍ ରଖିଛନ୍ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼୍‌ଙ୍କର୍ ଅଧକ୍ଷତାଥି ଗଠିତ୍ ଖଣ୍ଡପୀଠ କେନ୍ଦ୍ର ସର୍‌କାର୍ ଆଉ ଏନ୍‌ଟିଏର ଜବାବ୍ କିଛି ପକ୍ଷଭୁକ୍ତଙ୍କୁ ନାଇଁ  ମିଲି । ସେଥିର୍‌ଲାଗି ତାଙ୍କୁ ଜବାବ୍ ଦେବାର୍ ଲାଗି ସମିଆ ଦର୍‌କାର୍ ରହିଛେ ବଲି ଖଣ୍ଡିପୀଠ କହିଛନ୍ । ମାମ୍‌ଲାର୍ ପରବର୍ତ୍ତୀ ଶୁଣାଣି ଆଏବା ୧୮ ତାରିଖ୍ ଦିନ ହେବା ।

ପିଏମ୍ ଗତିଶକ୍ତି ଯୋଜ୍‌ନା-୨ ନୂଆଁ ରେଲ୍‌ଲାଇନ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ପିଏମ୍ ଗତିଶକ୍ତି ଯୋଜ୍‌ନାଥି ଅନୁଗୁଲ୍ ଜିଲ୍ଲାର୍ ବଲରାମ୍‌ପୁର୍‌ନୁ ତେନ୍ତୁଲେଇ ଆଉ ବୁଢ଼ାପଙ୍କନୁ ଲୁବୁରି ତକ୍ ୨ ଟା ରେଲ୍‌ଲାଇନ୍ ତିଆର୍ କରାଯିବା । ପିଏମ୍ ଗତିଶକ୍ତି ଅଧୀନ୍‌ଥି ନୂଆଦିଲ୍ଲୀ ନ ହେଇଥିବା ନେଟ୍‌ଓ୍ୱାର୍କିଂ ପ୍ଲାନିଂ

ଗ୍ରୁପ୍‌ର ୭୪ ନମ୍ବର୍ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇ ୨ ଟା ପ୍ରକଳ୍ପ ଲାଗି ୪ ହଜାର୍ ୮ ଶହ ୮୨ କୋଟି ଟଙ୍କା ଖର୍ଚ୍ଚା ହେବା । ଇ ରେଲ୍‌ଲାଇନ୍ କୁଇଲା ପରିବହନ୍‌କେ ସହଜ୍ କର୍‌ବା ବଲି ଜନାପଡ଼ିଛେ । ବଲ୍‌ରାମ୍‌ପୁର୍-ତେନ୍ତୁଲେଇ ନୂଆଁ ରେଲ୍‌ଲାଇନ୍‌ର ଦୂରତା ୪୯ ଦଶ୍‌ମିକ୍ ୫୮ କିଲୋମିଟର୍ ରହିଛେ । ଇ ରେଇଲାଇନ୍ ଅନୁଗୁଲ୍‌ର ୧୧ ଟା କୁଇଲା ବ୍ଲକ୍‌କେ ଜୁଡ଼୍‌ବା । ସେନ୍ତା ତିଆର୍ ହେବାର୍‌କେ ଥିବା ଶହେ ୬ କିଲୋମିଟର୍‌ର ବୁଢ଼ାପଙ୍କ-ଲୁବୁରି ନୂଆଁ ରେଲ୍‌ଲାଇନ୍ ତାଲ୍‌ଚେର୍‌ର କୁଇଲା କ୍ଷେତ୍ରନୁ ୨୧ ଟା କୁଇଲା ବ୍ଲକ୍‌କେ ସଂଯୋଗ୍ କର୍‌ବା ବଲି ସୂଚ୍‌ନା ମିଲିଛେ ।

ଉପମୁଖ୍ୟମନ୍ତ୍ରୀ-ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । କୃଷି, ଜଲ୍‌ସେଚନ୍, ଶକ୍ତି, ଆଇନ୍‌ଶୃଙ୍ଖଲା ଆର୍ ଅଲ୍‌ଗା ବିଭାଗ୍ ମାନ୍‌କର୍ ଅଧୀନ୍‌ଥି କାର୍ଯ୍ୟକାରୀ ହଉଥିବା ପ୍ରକଳ୍ପମାନ୍‌କର୍ ଥିତି ବାବ୍‌ଦେ ସମୀକ୍ଷା କରାଯାଇଛେ । ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଥିବା ଇ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ପି.ଏମ୍. କିଷାନ୍‌ନିଧି ସମ୍ମାନ୍ ଯୋଜ୍‌ନା, ଜଲ୍‌ସେଚନ୍, ଧାନ୍‌ଘିନା ସହେତେ

ଗ୍ରାମୀଣ ବିଦ୍ୟୁତ୍‌କରଣ୍ ଆର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର୍ ମୁକ୍ତ ବିଜୁଳି ଯୋଜ୍‌ନା ବାବ୍‌ଦେ ବିଭାଗୀୟ ପ୍ରଶାସନିକ୍ ଅଧିକାରୀମାନ୍‌କର୍ ସାଙ୍ଗେ ମନ୍ତ୍ରୀ ଶ୍ରୀ ସିଂଦେଓ ଆଲୋଚନା କରିଥିଲେ । ଇ ସମୀକ୍ଷା ବୈଠକ୍‌ଥି ବିଧାୟକ୍ ରଘୁନାଥ ଜଗ୍‌ଦଲାଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ୍ ଥିଲେ ।

## ନୂଆପଡ଼ା-ରାଜପଥର ରକ୍ଷଣାବେକ୍ଷଣ   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଦେଇକରି ଯାଇଥିବା ୩ ଶହ ୫୩ ନମ୍ବର୍ ଜାତୀୟ ରାଜପଥର ପେଣ୍ଡରାବନ୍ଧ୍ ଠାନେ ରାସ୍ତା ଦବିଯିବାର୍‌ନୁ ଗାଡ଼ିମଟର୍ ଚଲାଚଲ୍ ବ୍ୟାହତ୍ ହେଇଛେ । ରାଜପଥର ରକ୍ଷଣାବେକ୍ଷଣ୍ ଅଭାବ୍ ଲାଗି ଏନ୍ତା ପରିସ୍ଥିତି ସୃଷ୍ଟି ହେଉଥିବାର୍ ଅଭିଯୋଗ୍ ଲାଗି ରାଜପଥ ବିଭାଗ୍‌ର ସହକାରୀ ଯନ୍ତ୍ରୀ ଆଏଜ୍ ସେ ଜାଗା ଯାଇକରି ସମୀକ୍ଷା କରିଛନ୍ । ସେ କହିଛନ୍ ଯେ, ଦବ୍‌ବାର୍ କାରଣ୍ ବାବ୍‌ଦେ ତର୍ଜମା କରାଯାଉଛେ ଆଉ ଇତାର୍ ମରାମତି ସହେତେ ଦର୍‌କାରୀ ପଦକ୍ଷେପ୍ ନିଆଯିବା ।

## ଜିଲ୍ଲାସ୍ତରୀୟ ଶିଶୁ ଓଜନ୍ ଆଉ ଉଚ୍ଚତା ତାଲିମ୍

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍ଫୁ ଜିଲ୍ଲାସ୍ତରୀୟ ଶିଶୁ ଓଜନ୍ ଆଉ ଉଚ୍ଚତା ନିରୀକ୍ଷଣ ତାଲିମ୍ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ଜିଲ୍ଲାପାଲ୍ ଜେ. ସୋନାଲ୍ କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଥିଲେ । ୟୁନିସେଫ ରାଜ୍ୟସ୍ତରୀୟ ପରାମର୍ଶଦାତା ଆଉ ସବୁ ଶିଶୁବିକାଶ୍ ପ୍ରକଳ୍ପ ଅଧିକାରୀ, ସୁପର୍ଭାଇଜର୍ ଆର୍ ଅଲ୍ଗା ଅଧିକାରୀ, କର୍ମଚାରୀମାନେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଥିଲେ । ଛୁଆମାନ୍କର୍ ଅଭିବୃଦ୍ଧି ନିରୀକ୍ଷଣ ବାବ୍ଦେ ଆଲୋଚନା କର୍ବାର୍ ସହେତେ ଗର୍ଭବତୀ ମହିଲା ମାନ୍କୁ ଉପଯୁକ୍ତ ଖାଦ୍ୟ ଆଉ ଶିଶୁ ଜନ୍ମ ସମିଆଥି ଛୁଆକେ ମା କ୍ଷୀର ଦେବାର୍ ଲାଗି ଅତିଥି ମାନେ ପରାମର୍ଶ ଦେଇଥିଲେ ।

ସିକିଲ୍ସେଲ୍ ସଚେତନତା        ସମ୍ବଲପୁର୍ ସମ୍ବାଦଦାତା

ଜ୍ୟୋତିବିହାର୍ ବୁର୍ଲାର୍ ଜୁନିଅର୍ କଲେଜ୍ ଠାନେ ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟର୍ ଗୃହବିଜ୍ଞାନ୍ ବିଭାଗ୍ର ସ୍ନାତକୋତର ଛାତ୍ରଛାତ୍ରୀମାନ୍କର୍ ତର୍ଫୁ ସିକିଲ୍ସେଲ୍ ରକ୍ତହୀନତାର୍ ଭିନ୍ ଭିନ୍ ଦିଗ୍ ବାବ୍ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ସ୍କ୍ରିନିଂ ଆର୍ ସତର୍କତା ପ୍ରଣାଳୀ, ସମ୍ପର୍କୀୟମାନ୍କର୍ ଭିତ୍ରେ ବିହାର ପ୍ରଭାବ୍, ବିହା ଆଗ୍ରୁ ରକ୍ତପରୀକ୍ଷାର୍ ଗୁରୁତ୍ୱ ଆର୍ ରୋଗାକ୍ରାନ୍ତ ରକ୍ତହୀନତା

ଲାଗି ଉପଯୁକ୍ତ ସ୍ୱାସ୍ଥ୍ୟସେବା ବାବ୍‌ଦେ ଇଥି ଆଲୋଚନା ହେଇଥିଲା ।

ବିଶ୍ୱ ଜନସଂଖ୍ୟା ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର/ବୌଦ୍ଧ

ଆଏଜ୍ ବିଶ୍ୱ ଜନସଂଖ୍ୟା ଦିବସ୍ । ଲୋକ୍‌ସଂଖ୍ୟା ବଢୁଥିବାର୍ ସମସ୍ୟା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଇତାର୍‌ସହେତେ ଲୋକ୍‌ସଂଖ୍ୟା ବଢ୍‌ବାର୍‌ଟା କେନ୍ତାକରି ଆୟତ୍ କରାଯାଇପାର୍‌ବା ସେ ବାବ୍‌ଦେ ପଦକ୍ଷେପ୍ ନେବାର୍‌ଟା ଇ ଦିବସ୍‌ର ବାର୍ତା ଆଏ । ଲୋକସଂଖ୍ୟା ବଢ୍‌ବାର୍‌ନୁ ଅର୍ଥନୈତିକ୍ ବିକାଶ୍, ରୋଜ୍‌ଗାର୍ ସୁଯୋଗ୍, ପାଏନ୍, ଖାଦ୍ୟ, ଶକ୍ତି, ଜଲ୍‌ବାୟୁ ଉପ୍‌ରେ ପ୍ରତିକୂଳ ପ୍ରଭାବ୍ ପଡୁଛେ । ଇ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଜାତିସଂଘ ତର୍‌ଫୁ ୧୯୯୦ ମସିହାନୁ ବିଶ୍ୱ ଜନସଂଖ୍ୟା ଦିବସ୍ ପାଲିତ୍ ହେଇ ଆସୁଛେ ।

ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବିରୋଧୀ ଦଲ୍ ନେତା ନବୀନ୍ ପଟ୍ଟନାୟକ୍ ଅଲ୍‌ଗା ଅଲ୍‌ଗା ବାର୍ତା ଦେଇକରି ଜନସଂଖ୍ୟା ବୃଦ୍ଧିକେ ପ୍ରତିହତ୍ କର୍‌ବାର୍ ଲାଗି ସଭେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଗଲା ୨୪ ଘଂଟା ଭିତ୍‌ରେ କେତେ ଜାଗା ନ ବର୍ଷା ହେଇଯାଇଛେ । ପାଣିପାଗ୍ ବିଭାଗ୍ ତର୍‌ଫୁ ଆଏବା କାଏଲ୍ ସଖାଲର୍ ସାଢ଼େ ୮ ବଜେତକ୍ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲାକେ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।